# Akashvani, Sambalpur

## SAMBALPURI NEWS EVENING BULLETIN

## 11 August 2024- 7.02 pm- 7.12 pm.

*******************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ନ ଜାରି କଲେ ୬୧ ଟା ଫସଲ୍‌ର ଅଏତ୍‌କା ଅମଲ୍ ହେଉଥିବା ଆର୍ ଜୈବ ପୋଷକତତ୍ୱ ଯୁକ୍ତ ଶହେ ୯ ଟା କିସମ୍ ।

୨- ହର୍‌ଘର୍ ତିରଙ୍ଗା ଅଭିଯାନ୍‌ଥି ଜୁଡ଼ି ହେବାର୍‌କେ ରାଜ୍ୟବାସୀଙ୍କୁ ଅନୁରୋଧ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଆଳୁ ଯୋଗାଣ ସମସ୍ୟାର୍ ସମାଧାନ୍ ଦିଗେ ପଦକ୍ଷେପ୍ ନେବାର୍‌କେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ୍, ଝାର୍‌ସୁଗୁଡ଼ା, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏବା କାଏଲ୍ ସଖାଲ୍‌ତକ୍ ହେଇପାରେ ଜବର୍ ବର୍ଷା ।

ପ୍ରଧାନ୍‌ମନ୍ତ୍ରୀ- ଫସଲ୍ କିସମ୍        ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ

କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ନ ୬୧ ଟା ଫସଲ୍‌ର ଅଏତ୍‌କା ଅମଲ୍ ହେଉଥିବା, ଜଲ୍‌ବାୟୁ ଅନୁକୂଳ ଆର୍ ଜୈବ ପୋଷକ ତତ୍ୱ ଯୁକ୍ତ ଶହେ ୯ଟା କିସମ୍ ଜାରି କରିଛନ୍ । ଇ ଅବ୍‌ସରେ  ହେଇଥିବା କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଚାଷୀ ଆଉ ବୈଜ୍ଞାନିକ୍‌ମାନ୍‌କର୍ ସାଙ୍ଗେ ଭିଲ୍ ଆଲୋଚନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ଇ ଶହେ ୯ ଟା କିସମ୍ ଭିତ୍‌ରେ ୩୪ ଟା କ୍ଷେତର୍ ଫସଲ୍ ଆର୍ ୨୭ ଟା ଉଦ୍ୟାନ୍ କୃଷି ଫସଲ୍ ରହିଛେ । କ୍ଷେତ୍‌ର ଫସଲ୍ ଭିତ୍‌ରେ ବାଜ୍‌ରା, ତୈଲବୀଜ, ଦାଲି ଜାତୀୟ ଫସଲ୍ କୁସେର୍ କପା, ଫାଇବର୍ ଆର୍ ଉଦ୍ୟାନ କୃଷି ଫସଲ୍ ଭିତ୍‌ରେ ଭିନ୍ ଭିନ୍ ପ୍ରକାର୍‌ର ଫଲ୍ ପନିପରିବା, କନ୍ଦା, ମସ୍‌ଲା, ଫୁଲ୍ ଆର୍ ଔଷଧୀୟ ଗଛ୍ ଅଛେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ସର୍‌କାର୍ ଚାଷୀମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଅଙ୍ଗୀକାର୍‌ବଦ୍ଧ ଆନ୍ । ଜଲ୍‌ବାୟୁ ଅନୁକୂଳ ଆର୍ ଅଏତ୍‌କା ଅମଲ୍ ହେଉଥିବା ଫସଲ୍‌ର କିସମ୍ ଆଦାୟ ବଢ଼ାବାର୍ ସାଙ୍ଗେ ଆମର୍ ଅନ୍ନଦାତାମାନ୍‌କର୍ ଆୟ ଭିଲ୍ ବଢ଼ାବାର୍ । ଆମର୍ ଚାଷୀ ଭାଏ ବହେନ୍‌ମାନେ ଜୈବିକ୍ କୃଷି ଆନ୍‌କେ ଯାଉଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଖୁସି ପ୍ରକାଶ୍ କରିଛନ୍ ।

ସେନ୍ତା ଭାରତୀୟ ଚାଷୀମାନ୍‌କର୍ ଲାଗି ଆଏଜ୍ ଗୁଟେ ଐତିହାସିକ୍ ଦିନ୍ ଆଏ ବଲି କେନ୍ଦ୍ର କୃଷି ଆଉ କୃଷକ କଲ୍ୟାଣ୍ ମନ୍ତ୍ରୀ ଶିବ୍‌ରାଜ୍ ସିଂ ଚୌହାନ୍ ଗଣମାଧ୍ୟମ୍‌କେ କହିଛନ୍ ।

ହର୍‌ଘର୍ ତିରଙ୍ଗା-ମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ / ସମ୍ବଲପୁର

ହର୍‌ଘର୍ ତିରଙ୍ଗା ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍ ସାଙ୍ଗେ ଜୁଡ଼ି ହେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଅନୁରୋଧ୍ କରିଛନ୍ । ଅଭିଯାନ୍‌ଥି ସାମିଲ୍ ହେଇକରି ଦେଶ୍ ଲାଗି ନିଜର୍ ଭାବ୍‌ନାକେ ଜାଗ୍ରତ୍ ଆର୍ ଜୀବନ୍ତ କର୍‌ବାର୍‌କେ ସେ ଅନୁରୋଧ୍ କରିଛନ୍ । ସେ କହିଛନ୍, ଜାତୀୟ ପତାକାର୍ ମହତ୍ ବାବ୍‌ଦେ ସମସ୍ତଙ୍କୁ ଜନାବାର୍‌ଟା ହର୍‌ଘର୍ ତିରଙ୍ଗା ଅଭିଯାନ୍‌ର ଉଦ୍ଦେଶ୍ୟ ଆଏ । ଇ ଅଭିଯାନ୍‌ଥି ସଭେ ନିଜର୍ ଘରେ ଜାତୀୟ ପତ୍‌କା ଉତୋଳନ୍ କରିକରି ନିଜର୍ ସେଲ୍‌ଫି ହର୍‌ଘର୍ ତିରଙ୍ଗା ଡଟ୍‌କମ୍‌ଥି ଅପ୍‌ଲୋଡ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଅନୁରୋଧ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ସ୍ୱାଧୀନତା ଦିବସ୍ ସହେତେ ହର୍‌ଘର୍ ତିରଙ୍ଗା ଅଭିଯାନ୍‌କେ ସଫଲତା ସାଙ୍ଗେ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ଦୁହି କାର୍ଯ୍ୟକ୍ରମ୍‌ଥି ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୁକ୍‌କୁ

ସାମିଲ୍ କର୍‌ବାର୍‌କେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ ସିଂ ବିଭାଗ୍‌ର ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ଜାତୀୟ ପତାକା ଉତୋଳନ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍‌ର ମହାତ୍ମାଗାନ୍ଧୀ ମାର୍ଗ ନ ହେବାର୍‌କେ ଯାଉଥିବାର୍ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜାତୀୟ ପତାକା ଉତୋଳନ୍ କର୍‌ବେ । ଇତାର୍‌ସଙ୍ଗେ ଇ ବଛର୍ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହ ମାନ୍‌କୁ କିଏ କେନ୍ ଜାଗା ନ ଜାତୀୟ ପତାକା ଉତୋଳନ୍ କର୍‌ବେ ସେ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ - ନୂଆପଡ଼ା ଆର୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା -କଟକ୍ ନ ଜାତୀୟ ପତାକା ଉତୋଳନ୍ କର୍‌ବେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହ ମାନ୍‌କୁ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ-କଳାହାଣ୍ଡି, ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍- ସୁନ୍ଦର୍‌ଗଡ଼୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍- ବର୍‌ଗଡ଼୍ ଆର୍ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍

ସିଂ ଖୁଂଟିଆ ବଲାଙ୍ଗିର୍ ନ ଜାତୀୟ ପତାକା ଉତୋଲନ୍ କର୍‌ବେ । ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍‌ମାନେ ଆର୍ ରାଉର୍‌କେଲା ନ ସୁନ୍ଦର୍‌ଗଡ଼୍ ଜିଲ୍ଲାପାଲ୍ ଜାତୀୟ ପତାକା ଉତୋଲନ୍ କର୍‌ବେ ।

ଆଲୁ- ପଶ୍ଚିମବଙ୍ଗ୍       ସିଏମ୍‌ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶାକେ ଆଲୁ ଯୁଗାବାର୍‌ଟାକେ ସ୍ୱାଭାବିକ୍ କର୍‌ବାର୍ ଲାଗି ଆଏଜ୍ ପଶ୍ଚିମବଙ୍ଗ୍‌ର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର୍ ସାଙ୍ଗେ ଫୋନ୍‌ଥି କଥା ହେଇଛନ୍ । ଦିଲ୍ଲୀ ନ ଦୁହିକର୍ ଭିତ୍‌ରେ ଆଲୋଚନା ଉତ୍‌ରୁ ରାଜ୍ୟକେ ଆଲୁ ଯୋଗାଣ ସ୍ୱାଭାବିକ୍ ହେଇଥିଲା । ହେଲେ କେତେ ଦିନ୍ ଉତ୍‌ରୁ ସମସ୍ୟା ସୃଷ୍ଟି ହେଇଥିବାର୍‌ନୁ ହେ ସମସ୍ୟାକେ ଦୂର୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଶ୍ଚିମବଙ୍ଗ୍ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କରିଥିଲେ । ପଶ୍ଚିମବଙ୍ଗ୍ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେ ଦିଗେ ଠିକ୍ ପଦକ୍ଷେପ୍ ନେବାର୍ ପ୍ରତିଶ୍ରୁତି ଦେଇଛନ୍ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନିଟ୍- ପିଜି ପ୍ରବେଶିକା ପରୀକ୍ଷା       ଆର୍‌ଏନ୍‌ୟୁ/ କଟକ୍

ନିଟ୍- ପିଜି ପ୍ରବେଶିକା ପରୀକ୍ଷା ୨୦୨୪ ଆଏଜ୍ ହେଇଯାଇଛେ । ଜାତୀୟ ପରୀକ୍ଷଣ୍ ସଂସ୍ଥା ଏନ୍‌ଟିଏ ତର୍‌ଫୁ ୨ ଟା ଖେପେ ହେଇଥିବା ଇ ପରୀକ୍ଷାଥି ୨ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଜୁନ୍ ମାସେ ଇ ପରୀକ୍ଷା ହେବାର୍‌କେ ଥିଲା । ହେଲେ ପରୀକ୍ଷାକେ ସ୍ୱଚ୍ଛତା ନେଇକରି ଅଭିଯୋଗ୍ ଆସ୍‌ବାର୍‌ନୁ ଇ ପରୀକ୍ଷାକେ ସ୍ଥଗିତ୍ ରଖାଯାଇଥିଲା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ସିଏମ୍‌ଓ

ଭୁବ୍‌ନେଶ୍ୱର୍ ୫ ନମ୍ବର୍ ୟୁନିଟ୍‌ଥି ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠଥି ଆଏବା କାଏଲ୍ ସୋମ୍‌ବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ରାଜ୍ୟ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଇ ସୂଚ୍‌ନା ଦିଆଯାଇଛେ ।

ୟୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା କାଏଲ୍‌ଠାନୁ ଯୁକ୍ତ ୩ ର- ୨ ନମ୍ବର ଖେପ୍ ନାଁଲେଖା ଆବେଦନ୍ ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସୂଚ୍‌ନା ଅନ୍‌ସାରେ ଆଏବା ୨୬ ତାରିଖ୍‌ତକ୍ ସାମ୍ସ ୱେବ୍‌ସାଇଟ୍ ଜରିଏ ଆବେଦନ୍ ଲାଗି ସୁଯୋଗ୍ ମିଲ୍‌ବା । ଆଏବା ସେପ୍ଟେମ୍ବର୍ ୨ ତାରିଖ୍ ଦିନ ପହେଲା ମେଧା ତାଲିକା ବାହାର୍‌ବା ଆର୍ ଚୟନ ହେଇଥିବା ଛାତ୍ରଛାତ୍ରୀମାନେ ଆଏବା ମାସର୍ ୩ ନୁ ୬ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ୧ ହଜାର୍ ୫୬ ଟା ଡିଗ୍ରୀ କଲେଜ୍‌ଥି ଯୁକ୍ତ ୩ ଶ୍ରେଣୀଥି ନାଁଲେଖାବାର୍‌କେ ମୋଟ୍ ୨ ଲାଖ୍ ୭୪ ହଜାର୍ ଶହେ ୫୧ ଟା ସିଟ୍ ଅଛେ । ପହେଲା ଖେପେ ୧ ଲାଖ୍ ୭୭ ହଜାର୍ ୬ ଶହ ୭୩ ଝନ୍ ଛାତ୍ରଛାତ୍ରୀ ନାଁ ଲେଖେଇ ସାରିଥିବାର୍ ବେଲେ ୯୬ ହଜାର୍ ୪ ଶହ ୭୮ ଟା ସିଟ୍ ଖାଲି ଅଛେ ।

ମେଡ଼ିକାଲ୍ କାଉନ୍‌ସେଲିଂ-ପଞ୍ଜିକରଣ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ମେଡ଼ିକାଲ୍ କାଉନ୍‌ସେଲିଂ ଲାଗି ଗଲାକାଏଲ୍‌ନୁ ପଞ୍ଜିକରଣ୍ ମୁଲ୍ ହେଇଛେ ବଲି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା -ଓଜେଇଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ନିଟ୍-ୟୁଜି- ୨୦୨୪ ଥି ଉତୀର୍ଣ୍ଣ

ଛାତ୍ରଛାତ୍ରୀମାନେ ଆଏବା ୧୪ ତାରିଖ୍ ଭିତ୍ରେ ପଞ୍ଜିକରଣ୍ କରିପାର୍ବେ ଆଉ ଅନ୍‌ଲାଇନ୍‌ଥି ନିଜର୍ ଡକ୍ୟୁମେଂଟ୍ ଦାଖଲ୍ କରିପାର୍ବେ । ଆଏବା ୧୮ ତାରିଖ୍ ଦିନ ପ୍ରଭିଜ୍‌ନାଲ୍ ଆର୍ ୨୦ ତାରିଖ୍ ଚୂଡ଼ାନ୍ତ ଚୟନ୍ ତାଲିକା ବାହାର୍ବା । ଖାଲି ଓଡ଼ିଶା ବାସିନ୍ଦା ଛାତ୍ରଛାତ୍ରୀମାନ୍‌କୁ ରାଜ୍ୟ କୋଟା ମିଲ୍‌ବା ଆଉ ସେମାନେ ଏମ୍‌ବିବିଏସ୍ ଆଉ ବିଡ଼ିଏସ୍ ପାଠ୍ୟକ୍ରମ୍‌ଥି ନାଁ ଲେଖେଇପାର୍ବେ । ଛାତ୍ରଛାତ୍ରୀମାନେ କାଉନ୍‌ସେଲିଂ ବାବଦ୍ ସବୁ ତଥ୍ୟ ଓଜେଇଇର ଓ୍ୱେବ୍‌ସାଇଟ୍‌ନୁ ପାଇପାର୍ବେ ।

ଡେବ୍ରିଗଡ଼୍ ଅଭୟାରଣ୍ୟ-ଜଙ୍ଗଲି କୁକୁର୍ ପ୍ରେସ୍ ରିଲିଜ୍

ଓଡ଼ିଶା ଆର୍ ଦେଶର୍ ଅଲଗ୍ ଅଲଗ୍ ଦେଶ୍ ନ ଭିଲ୍ କମ୍ ଦେଖ୍‌ବାର୍‌କେ ମିଲୁଥିବା ଅବଲୁପ୍ତ ପ୍ରାୟ ପ୍ରଜାତିର୍ ଜଙ୍ଗଲି କୁକୁର୍ ଡେବ୍ରିଗଡ଼୍ ଅଭୟାରଣ୍ୟର୍ ସଫାରୀ ଇଲାକା ନ ଗଲାକାଏଲ୍ ଦେଖ୍‌ବାର୍‌କେ ମିଲିଛେ । ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ପାଖାପାଖି ୭ /୮ ବଛର୍ ଉତ୍‌ରୁ ଗଲାବଛର୍ ଭିଲ୍ ଡେବ୍ରିଗଡ଼୍ ଅଭୟାରଣ୍ୟଥି ଇ ଜଙ୍ଗଲି କୁକୁର୍ ଦେଖ୍‌ବାର୍‌କେ ମିଲିଥିଲା ।

ବୌଦ୍ଧ ଜିଲ୍ଲାପାଲ୍ ଦାୟିତ୍ୱ ଗ୍ରହଣ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧର୍ ନୂଆଁ ଜିଲ୍ଲାପାଲ୍ ଭାବେ ଆଏଜ୍ ସୁବ୍ରତ୍ କୁମାର୍ ପଣ୍ଡା ଦାୟିତ୍ୱ ନେଇଛନ୍ । ଲୁକଙ୍କର୍ ସମସ୍ୟାର ତୁର୍ତି ସମାଧାନ୍ ଆର୍ ଜିଲ୍ଲାର୍ ଉନ୍ନତି ଲାଗି ସବୁ ପ୍ରକାରର୍ ପଦକ୍ଷେପ୍ ନିଆଯିବା ବଲି ଶ୍ରୀ ପଣ୍ଡା ଗଣମାଧ୍ୟମ୍‌କେ କହିଛନ୍ ।

ହର୍ ଘର୍ ତିରଙ୍ଗା-୧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ହର୍ ଘର୍ ତିରଙ୍ଗା ଅଭିଯାନ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ସାରା କେନ୍ତା ଭଲ୍ ଭାବେ ହର୍ ଘର୍ ତିରଙ୍ଗା ଅଭିଯାନ୍ ହେଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଛେ ।

ଡପ୍‌ଲର୍ ରାଡ଼ାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ ଓଡ଼ିଶା ଆର୍ ଛତିଶ୍‌ଗଡ଼୍‌ର ପାଣିପାଗ୍ ଉପ୍‌ରେ ନଜର୍ ରଖ୍‌ବାର୍‌କେ ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସମ୍ବଲ୍‌ପୁର୍ ଲାଗି ଗୁଟେ ଡପ୍‌ଲର୍ ରାଡ଼ାର୍ ଅନାଯାଇଛେ । ଇଥିର୍‌ସବୁ ଯନ୍ତ୍ରପାତି ଆସିକରି ପୁହୁଁଚିଥିବାର୍ ବେଲେ ଇ

ବଛର୍‌ର ଶେଷ୍‌ତକ୍ ଡପ୍‌ଲର୍ ରାଡ଼ାର୍ କାର୍ଯ୍ୟକ୍ଷମ୍ ହେଇପାରେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ପାରାଦ୍ୱୀପ୍ ଆର୍ ଗୋପାଲ୍‌ପୁର୍ ନ ଡପ୍‌ଲର୍ ରାଡ଼ାର୍ କାମ୍ କରୁଥିବାର୍ ବେଲେ ସମ୍ବଲ୍‌ପୁର୍ ଆର୍ ବାଲେଶ୍ୱର୍ ନ ହେଥିର୍‌ଲାଗି ଘର୍ ତିଆରି ସରିଯାଇଛେ ।

ପେରିସ୍ ଅଲମ୍ପିକ୍‌ସ ଆର୍‌ଏନ୍‌ୟୁ/ କଟକ୍

ପେରିସ୍ ଅଲମ୍ପିକ୍‌ସ୍ -୨୦୨୪ ଆଏଜ୍ ଉଦ୍‌ଯାପିତ୍ ହେବାର୍‌କେ ଯାଉଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ମନୁ ଭାକର୍ ଆର୍ ପି.ଆର୍. ଶ୍ରୀଜେସ୍ ଭାରତ୍‌ର ଜାତୀୟ ପତାକା ଧର୍‌ବେ । ଇ ଅଲମ୍ପିକ୍‌ଥି ଭାରତ୍‌ନୁ ଶହେ ୧୭ ଝନ୍ ଖେଲାଲି ୧୬ ଟା କ୍ରୀଡ଼ାଥି ୬୯ ଟା ପଦକ୍ ଲାଗି ପ୍ରତିଦ୍ୱନ୍ଦିତା କରିଥିବାର୍ ବେଲେ ଭାରତ୍‌କେ ୫ ଟା କାଂସ୍ୟ ଆର୍ ରୌପ୍ୟ ପଦକ୍ ମିଲିଛେ ।

ଶିକ୍ଷକ ଶିକ୍ଷା-ସିଟ୍ ଆବଂଟନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ୍‌ଥି ନାଁଲେଖାର୍ ପ୍ରବେଶିକା ପରୀକ୍ଷାଫଲ୍ ବାହାରିଥିବାର୍ ବେଲେ ଆଏବା କାଏଲ୍

ଦୁଇପହରର୍ ୨ ବଜେ ସିଟ୍ ଆବଂଟନ୍ ନେଇକରି ପହେଲା ଖେପ୍ ମେଧା ତାଲିକା ବାହାର୍‌ବା । ମେଧା ତାଲିକାଥି ନାଁଥିବାର୍ ପ୍ରାର୍ଥୀମାନେ ସାମ୍ସ ଓ୍ୱେବ୍‌ସାଇଟ୍ ଜରିଏ ୧୨ ନୁ ୧୬ ତାରିଖ୍ ଭିତ୍‌ରେ ନାଁ ଲେଖେଇକରି ଅନ୍‌ଲାଇନ୍‌ଥି ଦେୟ ଦାଖଲ୍ କରିପାର୍‌ବେ । ୧୩ ନୁ ୧୪ ଆଉ ୧୬ ନୁ ୧୭ ତାରିଖ୍ ଭିତ୍‌ରେ ପହେଲା ଖେପ୍ ନାଁଲେଖା ହେବା ।

ପାଣିପାଗ/ହୀରାକୁଦ୍ ଜଲ୍‌ଭଣ୍ଡାର୍

ଆର୍‌ଏନ୍‌ୟୁ/ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏବା କାଏଲ୍ ସଖାଲ୍‌ତକ୍ ଜବର୍ ବର୍ଷା ହେଇପାରେ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର ଆଏଜ୍ ସଞ୍ଜ୍‌ବେଲାର୍ ୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୨/୯ ଫୁଟ୍ ରହିଛେ । ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୧ ଲାଖ୍ ୭୫ ହଜାର୍ ୨ ଶହ ୬ ଘନଫୁଟ୍ ପାଏନ୍ ଆସୁଛେ । ୬ ଟା ଗେଟ୍, ପାଓ୍ୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି

ସେକେଣ୍ଡଥି ୧ ଲାଖ୍ ୯୧ ହଜାର୍ ୨ ଶହ ୫୫ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।